# NATIONAL NEWS BULLETIN (ODIA)

## 9 October - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଆଲ୍‌ଜେରିଆ, ମୌରିଟାନିଆ ଏବଂ ମାଲଓ୍ୱିକୁ ଆସନ୍ତା ରବିବାର ଠାରୁ ଗସ୍ତରେ ଯିବେ ରାଷ୍ଟ୍ରପତି ।
- ମହାରାଷ୍ଟ୍ରରେ ୭ ହଜାର ୬୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।
- ୨୦୨୮ ଡିସେମ୍ବର ପର୍ଯ୍ୟନ୍ତ ବୃଦ୍ଧି ପାଇଲା ସୂକ୍ଷ୍ମ ପୋଷକତତ୍ତ୍ୱ ଯୁକ୍ତ ଚାଉଳ ଯୋଗାଣ ସମୟସୀମା ।
- ସାମୁଦ୍ରିକ ଝଡ଼ ମିଲ୍‌ଟନ୍‌କୁ ଦୃଷ୍ଟିରେ ରଖି ଫ୍ଲୋରିଡା ପଶ୍ଚିମ ଉପକୂଳରୁ ୫ ନିୟୁତରୁ ଅଧିକ ବାସିନ୍ଦାଙ୍କୁ ଉପକୂଳ ଅଞ୍ଚଳ ଛାଡ଼ି ଚାଲିଯିବାକୁ ଆମେରିକା ସରକାରଙ୍କ ଅନୁରୋଧ ।

ଏବଂ

- ନୂଆଦିଲ୍ଲୀରେ ଚାଲିଛି ଭାରତ-ବାଂଲାଦେଶ ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍; ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି ବାଂଲାଦେଶ ।

## ରାଷ୍ଟ୍ରପତି - ବିଦେଶ ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ରବିବାର ଠାରୁ ଆଲ୍‌ଜେରିଆ, ମୌରିଟାନିଆ ଏବଂ ମାଲୱି ଗସ୍ତରେ ଯିବେ । ନୂଆଦିଲ୍ଲୀରେ ଏ ସମ୍ପର୍କରେ ସୂଚନା ଦେଇ ଅର୍ଥନୈତିକ ସମ୍ପର୍କ ବିଭାଗ ସଚିବ ଦାମୁ ରବି କହିଛନ୍ତି, ଭାରତ' ଆଫ୍ରିକା ସହ ଏକ ସୁଦୃଢ଼ ସହଭାଗିତା ଆଶା କରୁଛି । ଗତବର୍ଷ ଭାରତର ଅଧ୍ୟକ୍ଷତା ସମୟରେ ଆଫ୍ରିକୀୟ ସଂଘ ଜି-୨୦ ସଦସ୍ୟ ରାଷ୍ଟ୍ର ଗୋଷ୍ଠୀରେ ସାମିଲ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱର ଦକ୍ଷିଣ କ୍ଷେତ୍ର ପ୍ରତି ପ୍ରାଧାନ୍ୟ ଦେଉଛନ୍ତି । ଆଫ୍ରିକା ସହ ସମ୍ପର୍କ ବୃଦ୍ଧି ଏବଂ ସେହି ଅଞ୍ଚଳରେ ଅଭିବୃଦ୍ଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ଦ୍ୱିପାକ୍ଷିକ ବାର୍ଷିକ ବାଣିଜ୍ୟ ପ୍ରାୟ ୧୦୦ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି ବୋଲି ଶ୍ରୀ ରବି ସୂଚନା ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀ-ମହାରାଷ୍ଟ୍ର

ମହାରାଷ୍ଟ୍ରରେ ୭ ହଜାର ୬୦୦ କୋଟିରୁ ଅଧିକ ବ୍ୟୟ ଅଟକଳରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ମହାରାଷ୍ଟ୍ର ଇତିହାସରେ ଏଭଳି ଦ୍ରୁତ ବିକାଶ ପୂର୍ବରୁ କେବେ ଘଟିନଥିଲା । କେନ୍ଦ୍ର ସରକାର ମରାଠୀ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା

ପ୍ରଦାନ କରି ମହାରାଷ୍ଟ୍ର ବାସୀଙ୍କର ବହୁଦିନର ସ୍ୱପ୍ନ ପୂରଣ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ନାଗପୁର ସ୍ଥିତ ଡକ୍ଟର ବାବାସାହେବ ଆମ୍ବେଦକର ଆନ୍ତର୍ଜାତିକ ବିମାନ ବନ୍ଦରର ଉନ୍ନତିକରଣ ଏବଂ ଶିରିଡ଼ି ବିମାନ ବନ୍ଦରର ନୂତନ ସମନ୍ୱିତ ଟର୍ମିନାଲ୍ କୋଠାର ଶିଳାନ୍ୟାସ ହୋଇଛି । ସହଜ ଏବଂ ଶୁଲଭ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ମୁମ୍ବାଇ, ନାସିକ, ଜଲନା, ଅମରବତୀ, ଗଡ଼ଚିରୋଲି, ବୁଲଧାନା, ୱାସିମ୍, ଭଣ୍ଡାରା, ହିଙ୍ଗୋଲି ଏବଂ ଥାନେ ଜିଲ୍ଲାର ଅମ୍ବରନାଥ ଠାରେ ସରକାରୀ ମେଡିକାଲ୍ କଲେଜ୍ ଗୁଡ଼ିକର ଉଦ୍‌ଘାଟନ କରିଛନ୍ତି । ସରକାରୀ ଏବଂ ଟାଟା ଟ୍ରଷ୍ଟ ସହଭାଗିତାରେ ମୁମ୍ବାଇ ଠାରେ ପ୍ରତିଷ୍ଠିତ ଭାରତୀୟ ଦକ୍ଷତା ପ୍ରତିଷ୍ଠାନକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଶ୍ରୀ ମୋଦୀ ବିଦ୍ୟା ସମୀକ୍ଷା କେନ୍ଦ୍ରକୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି ।

## କ୍ୟାବିନେଟ୍

ସୂକ୍ଷ୍ମ ପୋଷକତତ୍ତ୍ୱ ଯୁକ୍ତ ଚାଉଳ ଯୋଗାଣ ସମୟସୀମାକୁ ଡିସେମ୍ବର ୨୦୨୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା ଅଧୀନରେ ଏହି ଚାଉଳ ଯୋଗାଇ ଦିଆଯାଉଛି ।

ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦେଶରେ ପୋଷଣ ନିରାପତ୍ତା ସୁନିଶ୍ଚିତ କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି । ଏହି କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଦ୍ୱାରା ୧୭ ହଜାର ୮୨ କୋଟି ଟଙ୍କାର ଆର୍ଥିକ ବୋଝ ସରକାରଙ୍କ ଉପରେ ପଡ଼ିବ ବୋଲି ସେ କହିଛନ୍ତି । 'ବିକାଶ ଭି ବିରାସତ ଭି' କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତର ଏକ ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ରହିଛି । ଏହାର ସଂରକ୍ଷଣ ଏବଂ ବିକାଶର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଗୁଜରାଟର ଲୋଥାଲ୍ ଠାରେ ଥିବା ଜାତୀୟ ସାମୁଦ୍ରିକ ଐତିହ୍ୟ କମ୍ପ୍ଲେକ୍ସକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ସୀମାନ୍ତ ଅଞ୍ଚଳର ଭିତ୍ତିଭୂମି ବିକାଶ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ରାଜସ୍ଥାନ ଓ ପଞ୍ଜାବର ସୀମାନ୍ତ ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ୨ହଜାର ୨୮୦ କିଲୋମିଟରର ରାସ୍ତା ପାଇଁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଥିବା ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

ଏହି ପ୍ରକଳ୍ପ ପାଇଁ ୪ହଜାର ୪୦୦ କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଏହାଦ୍ୱାରା ଗ୍ରାମୀଣ ଜୀବିକାରେ ଉନ୍ନତି ଆସିବା ସହ ଯୋଗାଯୋଗ ଅଧିକ ସୁସଂହତ ହୋଇପାରିବ ।

## ପ୍ରଧାନମନ୍ତ୍ରୀ-ଲାଓସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଠାରୁ ଲାଓସ୍‌ର ଭିଏଣ୍ଟିଆନେ ଗସ୍ତରେ ଯିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପୂର୍ବ ଭାଗ ସଚିବ ଜୟଦୀପ ମଜୁମ୍‌ଦାର ନୂଆଦିଲ୍ଲୀ ଠାରେ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ୨୧ତମ ଆସିଆନ୍ ଭାରତ ଶିଖର ସମ୍ମିଳନୀ ଏବଂ ୧୯ତମ ପୂର୍ବ ଏସୀୟ ଶିଖର ସମ୍ମିଳନୀରେ ଯୋଗଦେବେ । ଆସିଆନ୍ ଭାରତ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଦଶମ ଥର ପାଇଁ ଯୋଗ ଦେବେ ବୋଲି ଶ୍ରୀ ମଜୁମ୍‌ଦାର ସୂଚନା ଦେଇଛନ୍ତି । ଲାଓସ୍‌ର ପ୍ରଧାନମନ୍ତ୍ରୀ ସୋନେକ୍ସେ ସିଫାଣ୍ଡୋନେଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଭିଏଣ୍ଟିଆନେ ଗସ୍ତରେ ଯାଉଛନ୍ତି ବୋଲି ସେ କହିଛନ୍ତି । ଆସିଆନ୍ ସଦସ୍ୟ ରାଷ୍ଟ୍ରମୁଖ୍ୟଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ସମ୍ପର୍କ ନେଇ ପ୍ରଧାନମନ୍ତ୍ରୀ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ବୋଲି ସେ କହିଛନ୍ତି ।

## ହରିଆଣା

ହରିଆଣା ନିର୍ବାଚନ ଫଳାଫଳ ଘୋଷଣା ପରେ ଭାରତୀୟ ଜନତା ପାର୍ଟି ରାଜ୍ୟରେ ତୃତୀୟଥର ପାଇଁ ସରକାର ଗଠନ କରିବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ଚୟନ ନେଇ ସଂସଦୀୟ ବୋର୍ଡ୍ ଏବଂ ବିଧାୟକ ଦଳ ନିଷ୍ପତ୍ତି

ନେବେ ବୋଲି କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନି କହିଛନ୍ତି । ଦଳର ରାଜ୍ୟଶାଖା ସଭାପତି ମୋହନ ଲାଲ ବାରୋଲି ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ସାଇନି ଆଜି ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ହରିଆଣା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି । ବୈଠକରେ ନୂଆ ସରକାର ଗଠନ ଏବଂ ଶପଥ ଗ୍ରହଣ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି ।

ସୂଚନା ଯୋଗ୍ୟ ବିଜେପି ପ୍ରଥମ ରାଜନୈତିକ ଦଳ ଭାବେ ହରିଆଣାରେ ତୃତୀୟ ଥର ପାଇଁ ସରକାର ଗଠନ କରିବାକୁ ଯାଉଛି । ମୋଟ୍ ୯୦ଟି ଆସନରୁ ୪୮ଟିରେ ବିଜୟ ହାସଲ କରି ସ୍ୱଷ୍ଟ ବହୁମତ ପାଇଛି ।

## ଆମେରିକା-ସାମୁଦ୍ରିକ ଝଡ଼

ସାମୁଦ୍ରିକ ଝଡ଼ ମିଲ୍‌ଟନ୍‌କୁ ଦୃଷ୍ଟିରେ ରଖି ଆମେରିକାର ଫ୍ଲୋରିଡା ପଶ୍ଚିମ ଉପକୂଳରୁ ୫ ନିୟୁତରୁ ଅଧିକ ବାସିନ୍ଦାଙ୍କୁ ଉପକୂଳ ଅଞ୍ଚଳ ଛାଡ଼ି ଚାଲିଯିବାକୁ ଅନୁରୋଧ କରାଯାଇଛି । ରାଷ୍ଟ୍ରପତି ଜୋ ବାଇଡେନ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୫ ନମ୍ବର ପର୍ଯ୍ୟାୟ ଭୁକ୍ତ ଏହି ବାତ୍ୟା ଶତାବ୍ଦୀର ସବୁଠୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟରେ ପରିଣତ

ହୋଇପାରେ । ଶ୍ରୀ ବାଇଡେନ୍ ଜର୍ମାନୀ ଏବଂ ଆଙ୍ଗୋଲା ଗସ୍ତକୁ ମଧ୍ୟ ସ୍ଥଗିତ ରଖିଛନ୍ତି । ଉପକୂଳ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହି ବାତ୍ୟା ପୂର୍ବ ମେକ୍ସିକୋ ଉପସାଗର ଦେଇ ଗତି କରୁଛି ଏବଂ ଆଜି ରାତିରେ ଫ୍ଲୋରିଡ଼ାର ପଶ୍ଚିମ ଉପକୂଳ ସ୍ପର୍ଶ କରିବାର ସମ୍ଭାବନା ରହିଛି । ପବନର ବେଗ ବଢ଼ିବା ସହ ପ୍ରବଳ ଝଡ଼ ସହ ବର୍ଷା ହେବାର ଆଶଙ୍କା ରହିଛି ବୋଲି ଫ୍ଲୋରିଡା ଜରୁରୀକାଳୀନ ପରିଚାଳନା ସଂସ୍ଥା ସତର୍କ ସୂଚନା ଜାରି କରିଛି ।

## ମୋଜାମ୍ବିକ୍-ନିର୍ବାଚନ

ମୋଜାମ୍ବିକ୍‌ରେ ନୂଆ ରାଷ୍ଟ୍ରପତି, ସଂସଦ ସଦସ୍ୟ ଏବଂ ପ୍ରାଦେଶିକ ଗଭର୍ଣ୍ଣର୍ସ୍ ଚୟନ ପାଇଁ ଆଜି ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଉଛି । ୧୭ ନିୟୁତରୁ ଅଧିକ ପଞ୍ଜିକୃତ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି । ମତଦାନ ସରିବା ପରେ ପରେ ଭୋଟ୍ ଗଣତି ଆରମ୍ଭ ହେବ । ଶାସକ ମୋଜାମ୍ବିକ୍ ଲିବରେସନ୍ ଫ୍ରଣ୍ଟ୍ ନିର୍ବାଚନରେ ବିଜୟ ଲାଭ କରିବ ବୋଲି ଆକଳନ କରାଯାଇଛି । ରାଷ୍ଟ୍ରପତି ଫିଲିପ୍ ନ୍ୟୁସି' କାର୍ଯ୍ୟକାଳ ସୀମା କାରଣରୁ ଅଯୋଗ୍ୟ ଘୋଷିତ ହୋଇଥିବାରୁ ଏହି ନିର୍ବାଚନ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବାର ଆଶା କରାଯାଉଛି । ନିର୍ବାଚନରେ ମୋଜାମ୍ବିକ୍ ଲିବରେସନ୍ ଫ୍ରଣ୍ଟର ଡାନିଏଲ୍ ଚାପୋ ମୁଖ୍ୟ ବିରୋଧୀ ଦଳର

ଓସୁଫୋ ମୋମାଡ଼େ, ମୋଜାମ୍ବିକା ନ୍ୟାସନାଲ୍ ରେଜିଷ୍ଟାନ୍ସ ମୋଜାମ୍ବିକ୍ ଡେମୋକ୍ରାଟିକ୍ ମୁଭ୍‌ମେଣ୍ଟର ଲୁଟେରୋ ସୀମାଙ୍ଗୋ ଏବଂ ସ୍ୱାଧୀନ ପ୍ରାର୍ଥୀ ଭେନାସିଓ ମଣ୍ଡଲେନ୍ ରାଷ୍ଟ୍ରପତି ଦୌଡ଼ରେ ଅଛନ୍ତି । ୨୫୦ ଆସନ ବିଶିଷ୍ଟ ସଂସଦ ଏବଂ ପ୍ରାଦେଶିକ ଆସେମ୍ବ୍ଲି ନିର୍ବାଚନରେ ମୋଟ୍ ୩୬ ଜଣ ରାଜନୈତିକ ଦଳ ଅଂଶଗ୍ରହଣ କରୁଛନ୍ତି । ଆନ୍ତର୍ଜାତିକ ପର୍ଯ୍ୟବେକ୍ଷକ ଭାବେ ୟୁରୋପୀୟ ସଂଘର ୧୫୦ ଜଣିଆ ଟିମ୍ ଏବଂ ଦକ୍ଷିଣାଞ୍ଚଳ ଆଫ୍ରିକା ବିକାଶ ଗୋଷ୍ଠୀର ୫୨ ଜଣ ସଦସ୍ୟ ନିର୍ବାଚନ ଉପରେ ନଜର ରଖିଛନ୍ତି ।

## ଭାରତ-ବାଂଲାଦେଶ

ଭାରତ-ବାଂଲଶଦେଶ ଚଳିତ ତିନିଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ଦିଲ୍ଲୀର ଅରୁଣ ଜେଟଲୀ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଚାଲିଛି । ଟସ୍ ଜିତି ବାଂଲାଦେଶ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୨ ଓଭରରେ ୧ ୱିକେଟ୍ ବିନିମୟରେ ୧୭ ରନ୍ ସଂଗ୍ରହ କରିଛି ।

ଏହି ସିରିଜ୍‌ରେ ପ୍ରଥମ ମ୍ୟାଚ୍‌କୁ ଜିତି ଭାରତ ୧-୦ରେ ଆଗୁଆ ରହିଛି ।

## ମହିଳା କ୍ରିକେଟ୍

ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ-ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଦୁବାଇ ଠାରେ ଖେଳାଯିବ ।

ଆଜିର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା' ସ୍କଟ୍‌ଲାଣ୍ଡ ବିପକ୍ଷରେ ୮୦ରନ୍‌ରେ ବିଜୟୀ ହୋଇଛି । ଟସ୍ ଜିତି ଦକ୍ଷିଣ ଆଫ୍ରିକା ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୬୬ରନ୍ ସଂଗ୍ରହ କରିଥିଲା । ୧୬୭ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସ୍କଟ୍‌ଲାଣ୍ଡ ୧୭ ଓଭର ଏବଂ ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୮୬ରନ୍ କରିବାକୁ ସକ୍ଷମ ହୋଇଥିଲା ।

## ଜାତୀୟ କ୍ରୀଡ଼ା

୩୮ତମ ଜାତୀୟ କ୍ରୀଡ଼ା ଜାନୁଆରୀ ୨୮ରୁ ଫେବୃୟାରୀ ୧୪ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡ ଠାରେ ଅନୁଷ୍ଠିତ ହେବ । ଭାରତୀୟ ଅଲିମ୍ପିକ୍ ସଂଘର ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ବୈଠକରେ ଜାତୀୟ କ୍ରୀଡ଼ାର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରାଯିବ । ଉତ୍ତରାଖଣ୍ଡରେ ଶୀତକାଳୀନ ଜାତୀୟ କ୍ରୀଡ଼ା ମଧ୍ୟ ଆୟୋଜନ କରାଯିବ । ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ନୂଆଦିଲ୍ଲୀ ଠାରେ ଭାରତୀୟ

ଅଲିମ୍ପିକ୍ ସଂଘର ସଭାପତି ପି.ଟି. ଉଷାଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ୩୮ତମ ଜାତୀୟ କ୍ରୀଡ଼ା ଆୟୋଜନ ପାଇଁ ଉତ୍ତରାଖଣ୍ଡର ପ୍ରସ୍ତୁତି ସମ୍ପର୍କରେ ଶ୍ରୀ ଧାମି ସଭାପତି ଉଷାଙ୍କୁ ସୂଚନା ପ୍ରଦାନ କରିଥିଲେ ।

## ବ୍ୟାଡ୍‌ମିଣ୍ଟନ୍

ଫିନ୍‌ଲାଣ୍ଡର ଭାଣ୍ଟା ଠାରେ ଚାଲିଥିବା ବି.ଡବ୍ଲ୍ୟୁ.ଏଫ୍. ଆର୍କଟିକ୍ ଓପନ୍ ୨୦୨୪ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଭାରତର ଲକ୍ଷ୍ୟ ସେନ୍ ଉନ୍ନିତ ହୋଇଛନ୍ତି । ତାଇୱାନ୍‌ର ଚାଉ ଟିଏନ୍ ଚେନ୍ ଏବଂ ଫ୍ରାନ୍ସର ଆର୍ନାଉଡ୍ ମର୍କଲ୍‌ଙ୍କ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତାଙ୍କୁ ପ୍ରି-କ୍ୱାର୍ଟର୍‌ରେ ଲକ୍ଷ୍ୟ ସେନ୍ ଭେଟିବେ । ପୁରୁଷ ଏକକ ବର୍ଗରେ କିରଣ ଜର୍ଜ୍ ତାଇୱାନ୍‌ର ୱାଙ୍ଗ୍ ଜୁ ୱେଇଙ୍କ ମଧ୍ୟରେ ଆଜି ମୁକାବିଲା ହେବ ।

## ବ୍ୟାଡ୍‌ମିଣ୍ଟନ୍

ଫିନ୍‌ଲାଣ୍ଡର ଭାଣ୍ଟା ଠାରେ ଚାଲିଥିବା ବି.ଡବ୍ଲ୍ୟୁ.ଏଫ୍. ଆର୍କଟିକ୍ ଓପନ୍ ୨୦୨୪ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଭାରତର ଲକ୍ଷ୍ୟ ସେନ୍ ଉନ୍ନିତ ହୋଇଛନ୍ତି । ତାଇୱାନ୍‌ର ଚାଉ ଟିଏନ୍ ଚେନ୍ ଏବଂ ଫ୍ରାନ୍ସର ଆର୍ନାଉଡ୍ ମର୍କଲ୍‌ଙ୍କ ମଧ୍ୟରେ ଖେଳାଯିବାକୁ

ଥିବା ମ୍ୟାଚ୍‌ର ବିଜେତାଙ୍କୁ ପ୍ରି-କ୍ୱାର୍ଟର୍‌ରେ ଲକ୍ଷ୍ୟ ସେନ୍ ଭେଟିବେ । ପୁରୁଷ ଏକକ ବର୍ଗରେ କିରଣ ଜର୍ଜ୍ ତାଇୱାନ୍‌ର ୱାଙ୍ଗ୍ ଜୁ ୱେଇଙ୍କ ମଧ୍ୟରେ ଆଜି ମୁକାବିଲା ହେବ ।